# ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର (ସହରାଞ୍ଚଳ-୧), ଗଞ୍ଜାମ

ପତ୍ର ସଂଖ୍ୟା ୮୨୪ ତାରିଖ ୨୯/୦୩/୨୫

## ବିଜ୍ଞାପନ

ଏତଦ୍ୱାରା ବ୍ରହ୍ମପୁର (ସହରାଞ୍ଚଳ-୧) ପ୍ରକଳ୍ପ ଅଧିନରେ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ (ପତ୍ର ସଂଖ୍ୟା ୪୯୭୦ ତା ୧୫.୦୩.୨୦୨୩ ରିଖ) ନିର୍ଦ୍ଦେଶନାମା ମୁତାବକ ନିମ୍ନ ଲିଖିତ ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀରେ ନିୟୋଜନ ନିମନ୍ତେ ଅନଲାଇନ(**Online**)ରେ ବିଜ୍ଞାପନ ଜାରି କରାଯାଇଛି । ନିମ୍ନ ଲିଖିତ ଯୋଗ୍ୟତା ସମ୍ପୂର୍ଣ୍ଣ ଇଚ୍ଛୁକ ପ୍ରାର୍ଥିନୀ ମାନେ ଖାଲି ଥିବା ଅଙ୍ଗନୱାଡି କର୍ମୀ ପଦବୀ ପାଇଁ କେବଳ ଅନଲାଇନ (**Online**) ମାଧ୍ୟମରେ ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥିନୀମାନେ **http://engagement-awc.odisha.gov.in/landingwebsite public user/public login** ମାଧ୍ୟମରେ ହିଁ ଆବେଦନ କରିପାରିବେ । ଏହା ବ୍ୟତୀତ Offline ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

**ଖାଲି ଅଙ୍ଗନୱାଡି କେନ୍ଦ୍ରର ନାମ :- ଗୋଷାଣିନୂଆଗାଁ ହାଡି ସାହି ।**

| କେନ୍ଦ୍ରଅନ୍ତର୍ଭୁକ୍ତ ସାହି | ସେକ୍ଟର ନାମ | ସର୍ଭେ ଏରିଆ |
|---|---|---|
| ହାଡି ସାହି । | ବିଜିପୁର । | ପ୍ରଥମ ଘର ମୁଖ୍ୟଙ୍କ ଅପସରି ବେହେରା ।<br>ଶେଷ ଘରର ମୁଖ୍ୟଙ୍କ ନାମ ଉର୍ମିଳା ହାତୀ । |
| ଦଶଘରିଆ ସାହି । | | ପ୍ରଥମ ଘର ମୁଖ୍ୟଙ୍କ ନାମ ଗୁରୁମୂର୍ତ୍ତି ସ୍ୱାଇଁ ।<br>ଶେଷ ଘରର ମୁଖ୍ୟଙ୍କ ନାମ ସଞ୍ଜୟ ପରିଡା |
| ମେଇନ୍ ରୋଡ୍ ସାହି । | | ପ୍ରଥମ ଘର ମୁଖ୍ୟଙ୍କ ନାମ ଶ୍ରୀନିବାସ ସାହୁ ।<br>ଶେଷ ଘରର ମୁଖ୍ୟଙ୍କ ନାମ ଅଶୋକ ରଥର । |

ଆବେଦନକାରୀ ଆବେଦନ କରିବା ସମୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପୂର୍ଣ୍ଣହୋଇଥିବା ଆବଶ୍ୟକ ଓ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ମାର୍କ ଲିଷ୍ଟ ଏବଂ ଅନ୍ୟାନ୍ୟ ପ୍ରମାଣ ପତ୍ରର ଅବିକଳ ନକଲ Online ମାଧ୍ୟମରେ Upload କରାଯିବା ନିହାତି ଆବଶ୍ୟକ।

## ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟତା ।

୧. ସ୍ୱେଚ୍ଛାଗତ ଭାବେ ସେବା କାର୍ଯ୍ୟରେ ଆଗ୍ରହୀ ଥିବା ଯେ କୌଣସି ବର୍ଗର ମହିଳା ମାନେ ଆବେଦନ କରିପାରିବେ ।

୨. ଆବେଦନକାରୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବାସିନ୍ଦା ପ୍ରମାଣ ପତ୍ର (ବିଜ୍ଞପ୍ତିକାରୀ ହେବାର 6 ମାସ) ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୩. ଆବେଦନକାରୀଙ୍କ ବୟସ ତା ୦୧.୦୧.୨୦୨୫ ରିଖ ସୁଧା ୧୮ ବର୍ଷ ରୁ କମ ଏବଂ ୩୫ ବର୍ଷ ରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

୪. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ (Minimum)ଯୁକ୍ତ ଦୁଇ ପାସ ଅଥବା ତତ୍ତୁଲ୍ୟ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଆବଶ୍ୟକ। ପ୍ରାର୍ଥିନୀଙ୍କରଯଦି ହିନ୍ଦୀ କିମ୍ବା ଅନ୍ୟାନ୍ୟ ଭାଷା ମାଧ୍ୟମ(medium)ରେ ଶିକ୍ଷାଗତ ଯୋଗ୍ୟତା ଥାଏ,

ତେବେ ସେ ସପ୍ତମ ଶ୍ରେଣୀର MIL (Odia) ଏକ ବିଷୟ ଥାଇ ପାସ କରଥିବାର ପ୍ରମାଣ ପତ୍ର ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଏକ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୫. ଆବେଦନକାରୀ ଯଦି ଜଣେ ଆଦିବାସୀ/ ହରିଜନ/ ବିଧବା/ ଭିନ୍ନକ୍ଷମ/ ନିରାଶ୍ରୟ/ ପରିତ୍ୟକ୍ତା ମହିଳା ହୋଇଥାନ୍ତି ତେବେ ସମ୍ପୃକ୍ତ ଅଧିକାରୀ କିମ୍ବା କରତୃପକ୍ଷଙ୍କ ଠାରୁ ଆବଶ୍ୟକୀୟ ପ୍ରମାଣ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୬. ଏଥିପାଇଁ ସରକାରଙ୍କ ଆଦେଶନାମା ପ୍ରକାରେ ORV Act (SC&ST)୧୯୭୫ Employment Compulsory Notification Vacancies Act 1959 ଲାଗୁ ହେବ ନାହିଁ । ଏହି ନିଯୋଜନ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ଏହାକୁ ଭିତିକରି ଭବିଷ୍ୟତରେ ନିୟମିତ ଚାକିରି /ସରକାରୀ ଚାକିରି ସ୍ଥାୟୀ ନିଯୁକ୍ତି ଦାବି କରିପାରିବେ ନାହିଁ ।

୭ . ଦରଖାସ୍ତକାରୀ ମାନେ ବିଜ୍ଞାପନ ଜାରି ହେବାର ୧୫ ଦିନ ମଧ୍ୟରେ ଅର୍ଥାତ **ତା ୦୧.୦୮.୨୦୨୫ ରିଖ ଠାରୁ ତା ୧୫ .୦୮ . ୨୫** ପର୍ଯ୍ୟନ୍ତ କେବଳ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ ।

୮ . ତା **୧୫ .୦୮ . ୨୫ ରିଖ ଅପରାହ୍ନ ୫.୦୦ ଘଣ୍ଟା** ପର୍ଯ୍ୟନ୍ତ ଆବେଦନକାରୀ ମାନେ ଅନଲାଇନ ମାଧ୍ୟମରେ Upload କରିଥିବା ସାର୍ଟିଫିକେଟର ଅବିକଳ ନକଲ ଓ ମୂଳ **(Original)** ପ୍ରମାଣପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **୧୬ .୦୮ . ୨୫ ରିଖ ଦିବା ୧୧ ଘଣ୍ଟା** ସମୟରେ ଉପସ୍ଥିତ ରହି ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ (Certificate Verification) ପ୍ରକ୍ରିୟା ରେ ସହଯୋଗ କରିବେ। ଯାହାଫଳରେ ଆବେଦନକାରୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇ Online ରେ ପ୍ରକାଶ କରାଯିବ ।

୯ . ପ୍ରକାଶିତ ତାଲିକା ଭୁକ୍ତ ପ୍ରାର୍ଥିନୀ ମାନଙ୍କର ବାସସ୍ଥାନ ସମ୍ପର୍କିତ/ ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ପ୍ରମାଣ ପତ୍ରର ଯଦି କିଛି ତ୍ରୁଟି ଥାଏ ତା ହେଲେ ଯେ କୌଣସି ବ୍ୟକ୍ତି ବା ପ୍ରାର୍ଥିନୀ ନିର୍ଦ୍ଧାରିତ ସମୟସୀମା **୧୭ .୦୮ . ୨୫ ଠାରୁ ୨୩ .୦୮ . ୨୫** ମଧ୍ୟରେ ଅନଲାଇନ (Online) ରେ ହିଁ ଅଭିଯୋଗ କରିପାରିବେ, (Offline) ରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। କୌଣସି ଅଭିଯୋଗ ହସ୍ତଗତ ହୋଇନଥିଲେ ମଧ, ପ୍ରାର୍ଥିନୀ ମାନେ କେନ୍ଦ୍ରାଞ୍ଚଳର ସର୍ଭେ ତାଲିକା ଭୁକ୍ତ ବାସିନ୍ଦା କି ନାହିଁ ନିଶ୍ଚିତ ହେବା ନିମନ୍ତେ କାର୍ଯ୍ୟାଳୟ ତରଫରୁ ସ୍ୱତନ୍ତ୍ର ଯାଞ୍ଚ ମଧ କରାଯାଇପାରିବ ।

୧୦. ଯଦି କୌଣସି ଅଙ୍ଗନୱାଡି ସାହାଯ୍ୟକାରିଣୀ ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଆବେଦନ କରନ୍ତି ଏବଂ ସରକାରଙ୍କ ନିୟମ ପ୍ରକାରେ ଯଦି ଯୋଗ୍ୟ ବିବେଚିତ ହୁଅନ୍ତି ତେବେ ଅନ୍ୟ ଆବେଦନ କାରୀଙ୍କ ଅବେଦନକୁ ବିଚାରକୁ ନିଆଯିବନାହିଁ।

୧୧. ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ଓଡିଶା ସରକାରଙ୍କ ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟାର ମାର୍ଗଦର୍ଶିକା ଅନୁଯାୟୀ କରାଯିବ ।

## <u>Onlineରେ Upload କରାଯିବା ନିମନ୍ତେ ଆବଶ୍ୟକୀୟ କାଗଜାତ/ ପ୍ରମାଣପତ୍ର:</u>

୧. ସ୍ଥାୟୀବାସିନ୍ଦା ପ୍ରମାଣ ପତ୍ର (Residential Certificate)ଏହି ବିଜ୍ଞାପନ ପ୍ରକାଶନ ତାରିଖର ୬ ମାସ ମଧ୍ୟରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଆବଶ୍ୟକ।
୨. ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ
୩. ଦ୍ୱାଦଶ (+୨) ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ନକଲ ।
୪. ଦ୍ୱାଦଶ(+୨) ଶ୍ରେଣୀ ମାର୍କସିଟର ନକଲ।
୫. ଯଦି ଉଚ୍ଚତର ଶିକ୍ଷା ଥାଏ ତାହାର ପ୍ରମାଣ ପତ୍ର ନକଲ ।
୬. ଯଦି ଦରଖାସ୍ତକାରୀ ସଂରକ୍ଷିତ ବର୍ଗର ଅଟନ୍ତି ତେବେ ଜାତିଗତ ପ୍ରମାଣ ପତ୍ରର ନକଲ ।
୭. ଯଦି ଦରଖାସ୍ତକାରୀ ଭିନ୍ନକ୍ଷମ ବର୍ଗର ଅଟନ୍ତି ତେବେ ପ୍ରମାଣ ପତ୍ର ର ନକଲ ।
୮. ଯଦି ଦରଖାସ୍ତକାରୀ ଅନାଥ/ ବିଧବା/ ଅସହାୟ/ ପରିତ୍ୟକ୍ତା ହୋଇଥିବେ ତେବେ ସମ୍ପୃକ୍ତ କତୃପକ୍ଷ/ ଅନୁଷ୍ଠାନଙ୍କ ଠାରୁ ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ।

ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ
ବ୍ରହ୍ମପୁର(ସହରାଞ୍ଚଳ-୧)
C.D.P.O. Berhampur
Ganjam

**ପରିପତ୍ର ସଂଖ୍ୟା** ୮୨୮ **ତାରିଖ** ୩୧/୦୩/୨୦୨୪

ଏହାର ଏକକିତା ନକଲ ନୋଟିସ ବୋର୍ଡରେ ଲଟକାଜାରି କରାଇବେ।ଏହାର ଦୁଇକିତା ନକଲ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶୀକାଙ୍କୁ ଦିଆଯାଇ ଜଣାଇ ଦିଆଗଲା ଯେ ଉକ୍ତ କେନ୍ଦ୍ର ଜନଗହଳି ସ୍ଥାନରେ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନକୁ ଲଟକା ଜାରି କରାଇବେ ଏବଂ ଆଉ ଏକକିତା ନକଲ କେନ୍ଦ୍ରର ଜଣାଶୁଣା ବ୍ୟକ୍ତି ମାନଙ୍କର ଦସ୍ତଖତ କରି କାର୍ଯ୍ୟାଳୟକୁ ଫେରସ୍ତ କରିବେ ।

ଏହାର ଅନ୍ୟ ଏକକିତ ନକଲ ଉକ୍ତ ଅଞ୍ଚଳ କୋର୍ପୋରେଟରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ**
**ବ୍ରହ୍ମପୁର (ସହରାଞ୍ଚଳ-୧)**

C.D.P.O, Brahmapur (U-I)
Ganjam

**ପରିପତ୍ର ସଂଖ୍ୟା** ୮୩୦ **ତାରିଖ** ୩୧/୦୩/୨୦୨୪

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବ୍ରହ୍ମପୁର/ ତହସିଲଦାର,ବ୍ରହ୍ମପୁର/ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ରହ୍ମପୁରଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା

**ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ**
**ବ୍ରହ୍ମପୁର(ସହରାଞ୍ଚଳ-୧)**

C.D.P.O, Brahmapur (U-I)
Ganjam

**ପରିପତ୍ର ସଂଖ୍ୟା** ୮୩୧ **ତାରିଖ** ୩୧/୦୩/୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ,ବ୍ରହ୍ମପୁର/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଗଞ୍ଜାମ/ ଗୋଷ୍ଠୀ ମଣ୍ଡଳ ଶିକ୍ଷା ଅଧିକାରିଣୀଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ**
**ବ୍ରହ୍ମପୁର(ସହରାଞ୍ଚଳ-୧)**

C.D.P.O, Brahmapur (U-I)
Ganjam